# Akashvani, Sambalpur

## SAMBALPURI NEWS EVENING BULLETIN

## 30 july 2026-7.02- 7.12 pm.

---

୧- ସଂସଦ୍ ନ ଆଏଜ୍ ପାରିତ୍ ହେଲା ଜାତୀୟ ସମ୍ମାନ୍ ଅପମାନ୍ ନିବାରଣ୍ ସଂଶୋଧନ୍ ବିଲ୍-୨୦୨୬ ।

୨- ଦିଆଲି ତକ୍ ମହାନଦୀ ଜଳବିବାଦ୍‌ର ସମାଧାନ୍ ହେବାର୍ ଆଶ୍ କରାଯାଉଛେ - କହେଲେ ମୁଖ୍ୟମନ୍ତ୍ରୀ ।

- ନୂଆଦିଲ୍ଲୀ ନ ଛତିଶ୍‌ଗଡ୍ ଆଉ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କର୍ ଭିତ୍‌ରେ ହେଲା ବୈଠକ୍ ।

୩- ଓଡ଼ିଶା ପର୍ଯ୍ୟଟନ୍‌ର ବିକାଶ୍ ଲାଗି ୨୦୧୪-୧୫ ମସିହାନୁ ଏବ୍‌ତକ୍ ୩ ଶହ ୧୮ କୋଟିନୁ ଅଏତ୍‌କା ଟଙ୍କା ଯୁଗେଇ ଦେଇଛନ୍ କେନ୍ଦ୍ର ସର୍‌କାର୍- ସୂଚ୍‌ନା ଦେଲେ କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀ ।

ଆଉର୍

୪- ରାଏଜେ ବଏଢ୍ ସ୍ଥିତିର୍ ଆକାଶ୍ ମାର୍ଗନୁ ସମୀକ୍ଷା କଲେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ।

- ୩ ଦିନ୍ ଭିତ୍ରେ ନୁକ୍ସାନ୍ର ରିପୋର୍ଟ ଦେବାର୍କେ ଜିଲ୍ଲାପାଲ୍ ମାନ୍କୁ ଦେଲେ ନିର୍ଦ୍ଦେଶ୍ ।

ଜାତୀୟ ସମ୍ମାନ୍ ଅପମାନ୍ ନିବାରଣ୍ ସଂଶୋଧନ୍ ବିଲ    ଏନ୍ଏସ୍ଡି

ସଂସଦ୍ ନ ଆଏଜ୍ ଜାତୀୟ ସମ୍ମାନ୍ ଅପମାନ୍ ନିବାରଣ୍ ସଂଶୋଧନ୍ ବିଲ୍ ୨୦୨୬ ପାରିତ୍ ହେଇଛେ । ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଜାତୀୟ ସମ୍ମାନ୍ ଅପମାନ୍ ନିବାରଣ୍ ଆଇନ୍ ୧୯୭୧ କେ ଆହୁରି ସଂଶୋଧନ୍ କର୍ବାର୍ ଲାଗି ଇ ବିଲ୍ ଆଗତ୍ କରିଥିଲେ । ଇ ବିଲ୍ ଅନ୍ସାରେ ଜାତୀୟ ଗୀତ ଜନ ଗଣ ମନ ବାଗିର୍ ବନ୍ଦେ ମାତରମ୍କେ ଭିଲ୍ ସମାନ୍ ଆଇନ୍ଗତ ସୁରକ୍ଷା ମିଲ୍ବା । ନିରାଦର୍ କଲେ ୩ ବଛର୍ତକ୍ ଜେଲ୍, ନାହେତ ଜରିମାନା, ନାହେଲେ ଦୁହି ଦଣ୍ଡର୍ ବ୍ୟବସ୍ଥା ରହିଛେ । ଇଟା ଦେଶର୍ ସାଂସ୍କୃତିକ୍ ଐତିହ୍ୟ ଆଉ ସଂଗ୍ରାମ୍ର ପ୍ରତୀକ ଆଏ ବଲି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ । ଇ ବିଲ୍ ଜରିଏ ଏକତା, ସମ୍ମାନ୍ ଆଉ ଦେଶର୍ ସ୍ୱାଧୀନତା ସଂଗ୍ରାମ୍ର ଅମର୍ ଐତିହ୍ୟକେ ଆହୁରି ବର୍କସ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ରାୟ କହିଛନ୍ । ବିଲ୍ ପାସ୍ ହେବାର୍ ଉତ୍ରୁ

ଲୋକ୍‌ସଭାକେ ଆଏବାକାଏଲ୍ ସଖାଲର୍ ୧୧ ବଜେତକ୍ ମୁଲ୍‌ତବୀ ରଖାଯାଇଛେ ।

ସାର୍ବଜନୀନ୍ ପରୀକ୍ଷା ସଂଶୋଧନ୍ ବିଲ   ଏନ୍‌ଏସ୍‌ଡି

ରାଜ୍ୟସଭା ନ ଆଏଜ୍ ସାର୍ବଜନୀନ୍ ପରୀକ୍ଷା (ଅସାଧୁ ଉପାୟ ନିବାରଣ୍) ସଂଶୋଧନ୍ ବିଲ୍-୨୦୨୬ ଉପ୍‌ରେ ଆଲୋଚନା ଜାରି ରହିଛେ । କାର୍ମିକ, ସାଧାରଣ୍ ଅଭିଯୋଗ୍ ଆଉ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଜିତେନ୍ଦ୍ର ସିଂ ଇ ବିଲ୍ ଆଗତ୍ କରିକରି କହିଛନ୍, ପ୍ରଶ୍ନପତ୍ର ପ୍ରଘଟ୍ ମାମ୍‌ଲାଥି ଦୋଷୀମାନ୍‌କର୍ ବିରୋଧ୍‌ଥି ଶୂନ୍ୟ ସହନଶୀଳତା ଅପ୍‌ନାଯିବା । ଇ ବିଲ୍‌କେ କାର୍ଯ୍ୟକାରୀ କରାଯିବାର୍ ଲାଗି ଶ୍ରୀ ସିଂ ସବୁ ଦଲର୍ ସହଯୋଗ୍ କାମନା କରିଛନ୍ । ଆଇନ୍‌କେ ଅଏତ୍‌କା କଠୋର୍ କର୍‌ବାର୍ ଆଉ ଜଲ୍‌ଦି ନ୍ୟାୟକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ପ୍ରତିବଦ୍ଧତା ବାବ୍‌ଦେ ସେ କହିଛନ୍ । ସଖାଲ୍‌ବେଲା ୧୧ ବଜେ ଅଧିବେଶନ୍ ମୁଲ୍ ହେବାର୍ ଉତ୍‌ରୁ ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ଶୂନ୍ୟକାଲ୍ ମୂଲ୍ କରିକରି ଇ ବିଲ୍ ଆଗତ୍ ନେଇକରି ମନ୍ତ୍ରୀ ଡକ୍ଟର୍ ସିଂହଙ୍କର୍ ନୁ

ମିଳିଥିବା ନୋଟିସ୍‌କେ ଗ୍ରହଣ୍ କରିଥିଲେ । ସଦସ୍ୟଙ୍କୁ ବିଲ୍‌ର କପି ବାଂଟିଥିଲେ । ଇ ବିଲ୍ ଲୋକ୍‌ସଭା ନ ଗଲାକାଏଲ୍ ପାରିତ୍ ହେଇଥିଲା ।

ମହାନଦୀ ଜଲ୍‌ବିବାଦ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଆଏବା ଦିଆଲିତକ୍ ମହାନଦୀ ଜଲ୍‌ବିବାଦ୍‌ର ସମାଧାନ୍ ହେବାର୍ ଆଶ୍ କରାଯାଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ମହାନଦୀ ଜଲ୍ ବିବାଦ୍‌କେ ନେଇକରି ନୂଆଦିଲ୍ଲୀ ନ କେନ୍ଦ୍ର ଜଲ୍‌ଶକ୍ତି ମନ୍ତ୍ରୀ ସି.ଆର୍ ପାଟିଲ୍‌ଙ୍କର୍ ଅଧକ୍ଷତାଥି ଓଡ଼ିଶା ଆଉ ଛତିଶ୍‌ଗଡ୍ ମୁଖ୍ୟମନ୍ତ୍ରୀଙ୍କର୍ ଭିତ୍‌ରେ ଆଏଜ୍ ହେଇଥିବା ବୈଠକ୍ ଉତ୍‌ରୁ ଗଣମାଧମ୍‌କେ ସୂଚ୍‌ନା ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଓଡ଼ିଶାର୍ ଅଧିକାର୍, ଚାଷୀମାନ୍‌କର୍ ଭବିଷ୍ୟତ୍ ଆଉ ରାଜ୍ୟର୍ ଜଲ୍‌ସମ୍ପଦ୍ ଭବିଷ୍ୟତ୍‌କେ ପ୍ରାଥମିକତା ଦିଆଯାଇଛେ । ଦୁହି ରାଜ୍ୟ ସହଯୋଗ୍ ଜରିଏ ଗୁଟେ ସ୍ଥାୟୀ ଆଉ ସନ୍ତୋଷ୍‌ଜନକ୍ ସମାଧାନ୍ ବାହାର୍ କର୍‌ବାର୍‌କେ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇନ ଜନେଇ ଦିଆଯାଇପାରେ ଯେ, ଗଲା ୨୩ ତାରିଖ୍ ହେଇଥିବା ଶୁଣାଣିଥି ଟ୍ରିବ୍ୟୁନାଲ୍ କେନ୍ଦ୍ରୀୟ ଜଲ୍ଆୟୋଗ୍ ଆଉ ଜଲ୍ଶକ୍ତି ମନ୍ତ୍ରଣାଲୟର୍ ମଧ୍ୟସ୍ଥତାଥି ବୈଠକ୍ କରିକରି ମହାନଦୀ ସମସ୍ୟାର୍ ସମାଧାନ୍ ସୂତ୍ର ବାହାର୍ କର୍ବାର୍କେ ଦୁହି ରାଜ୍ୟକେ ନିର୍ଦ୍ଦେଶ୍ ଦେଇଥିଲେ ।

କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀ-ରାଜ୍ୟସଭା ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ପର୍ଯ୍ୟଟନ୍ର ବିକାଶ୍ ଲାଗି କେନ୍ଦ୍ର ସର୍କାର୍ ୨୦୧୪ -୧୫ ମସିହାନୁ ଏବ୍ତକ୍ ୩ ଶହ ୧୮ କୋଟି ନୁ ଅଏତ୍କା ଟଙ୍କା ଯୁଗେଇ ଦେଇଛନ୍ ବଲି କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ କହିଛନ୍ । ରାଜ୍ୟସଭା ନ ଇ ବାବ୍ଦେ ସୂଚ୍ନା ଦେଇକରି ମନ୍ତ୍ରୀ ଶ୍ରୀ ଶେଖାୱତ୍ କହିଛନ୍, କେନ୍ଦ୍ର ସର୍କାର୍ ସ୍ୱଦେଶ୍ ଦର୍ଶନ୍ ଯୋଜ୍ନା ଜରିଏ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ମାନ୍କୁ ସାହାଜ୍ ଯୁଗେଇ ଦେସନ୍ । ୨୦୧୬-୧୭ ଆର୍ଥିକ୍ ବଛ୍ରେ ଓଡ଼ିଶାର୍ ଗୋପାଲ୍ପୁର୍, ବରକୁଳ, ସାତପଡ଼ା ଆଉ ତାମ୍ପରାକେ ନେଇକରି ଉପକୂଳ ସର୍କିଟ୍

ବିକାଶ୍ ଲାଗି ୭୦ କୋଟି ୮୨ ଲାଖ୍ ଟଙ୍କା ମଞ୍ଜୁର୍ କରାଯାଇଛେ । ସେନ୍ତା ରାଜ୍ୟମାନ୍‌କୁ ମିଲୁଥିବା ସ୍ୱତନ୍ତ୍ର ପୁଞ୍ଜିନିବେଶ୍ ସାହାଜ୍‌ଥି ହୀରାକୁଦ୍‌ର ବିକାଶ୍ ଲାଗି ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ୯୯ କୋଟି ୯୦ ଲାଖ୍ ଟଙ୍କା ମଞ୍ଜୁର୍ କରାଯାଇଛେ । ଏବ୍‌ତକ୍ ଇ ୨ ଟା ପ୍ରକଳ୍ପ ଲାଗି ଶହେ ୩୧ କୋଟି ନୁ ଅଏତ୍‌କା ଟଙ୍କା ଦିଆଯିବାର୍ ସହେତେ ବିକାଶ୍ କାମ୍ ଜାରି ରହିଛେ । ଇତାର୍‌ଆଘୋନୁ ୨୦୧୪-୧୫ ଆର୍ଥିକ୍ ବଛ୍‌ରେ ପୁରୀ ଶ୍ରୀଜଗନ୍ନାଥ୍ ଧାମ୍, ରାମ୍‌ଚଣ୍ଡୀ, ଦେଉଳି ଠାନେ ପ୍ରାଚୀନଏଦ୍ ଖଁଡ଼ିର୍ ବିକାଶ୍ ଲାଗି ପ୍ରସାଦ୍ ଯୋଜ୍‌ନା ଜରିଏ ୫୦ କୋଟି ଟଙ୍କାର୍ ପାଣ୍ଠି ମଞ୍ଜୁର୍ କରାଯାଇଥିବାର୍ ମନ୍ତ୍ରୀ ଶ୍ରୀ ଶେଖାୱତ୍ କହିଛନ୍ ।

ବନ୍ୟା ସ୍ଥିତି ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଗଭୀର୍ ଅବପାତ ଇହାଦେ ଉତର୍ ଓଡ଼ିଶା, ଦକ୍ଷିଣ ଝାଡ଼୍‌ଖଣ୍ଡ ଆଉ ପଶ୍ଚିମ ଛତିଶ୍‌ଗଡ଼ ଦେଇକରି ଯାଉଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ନୂଆପଡ଼ା,

କଲାହାଣ୍ଡି, ନବରଙ୍ଗପୁର୍, କୋରାପୁଟ୍ ଜିଲ୍ଲା ନ ଜବର୍ ନୁ ଅତି ଜବର୍ ବର୍ଷା ହେବା ବଲି ପାଣିପାଗ୍ ବିଜ୍ଞାନ୍ ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ସେଆଡ଼େ ବର୍ଗଡ଼୍, ସୁବର୍ଣ୍ଣପୁର୍, ବୌଦ୍ଧ, ବଲାଙ୍ଗିର୍, କନ୍ଧମାଲ୍, ରାୟଗଡ଼ା, ମାଲ୍କାନ୍ଗିରି ଜିଲ୍ଲାର୍ ଗୁଟେ/ ଜୁଡ଼େ ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଗଲା ୨୪ ଘଂଟା ଭିତ୍ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହାରାହାରି ୫୮ ଦଶ୍ମିକ୍ ୯ ମିଲିମିଟର୍ ବର୍ଷା ରେକର୍ଡ଼୍ କରାଯାଇଛେ । ଲଗାଏତ୍ ବର୍ଷା ଉତ୍ରୁ ଦେଖାଦେଇଥିବା ବଏଢ଼୍ ଥିତି ଲାଗି ରାଜ୍ୟର୍ ୫ ଟା ଜିଲ୍ଲାର୍ ୬ ଲାଖ୍ ଲୋକ୍ ପ୍ରଭାବିତ୍ ହେଇଛନ୍ । ୧ ଲାଖ୍ ୬୫ ହଜାର୍ ଲୁକ୍କୁ ଆଶ୍ରୟସ୍ଥଲୀମାନ୍କୁ ସ୍ଥାନାନ୍ତର୍ କରାଯାଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ମନ୍ତ୍ରୀ ଶ୍ରୀ ପୂଜାରୀ ଆଏଜ୍ ଆକାଶ୍ମାର୍ଗ୍ନୁ ବଏଢ଼୍ ପ୍ରଭାବିତ୍ ଇଲାକା ପରିଦର୍ଶନ୍ କରିଛନ୍ । ପ୍ରଭାବିତ୍ ଜିଲ୍ଲାର୍ ଜିଲ୍ଲାପାଲ୍ମାନ୍କୁ ୩ ଦିନ୍ ଭିତ୍ରେ କ୍ଷୟକ୍ଷତିର୍ ରିପୋର୍ଟ ଦେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ରିପୋର୍ଟ ମିଲ୍ଲା ଉତ୍ରୁ ତୁର୍ତି କ୍ଷତିପୂରଣ୍

ଦିଆଯିବା ବଲି ରାଜସ୍ୱ ବିଭାଗ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍ ।

ମହାନଦୀ ନ ମଧମ୍ ଧରଣ୍‌ର ବନ୍ୟା ହେଇପାରେ ବଲି ଜଲ୍‌ସମ୍ପଦ୍ ବିଭାଗ୍‌ର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ୍ ରାଉତ୍ କହିଛନ୍ । ମୁଣ୍ଡୁଲି ବେରେଜ୍‌ର ୧୦ ଟା ଗେଟ୍ ଦେଇକରି ଇହାଦେ ୮ ଲାଖ୍ ୨୮ ହଜାର୍ କ୍ୟୁସେକ୍ ପାଏନ୍ ଯାଉଥିବାର୍ ବେଲେ ବେଲ୍‌ବୁଢ଼ାତକ୍ ସାଢ଼େ ୯ ଲାଖ୍ କ୍ୟୁସେକ୍ ପାଏନ୍ ଛଡ଼ାଯିବା । ମହାନଦୀର୍ ଶାଖା ନଦୀ ମାନ୍‌କେ ବନ୍ୟା ଆସ୍‌ବା ବଲି ଶ୍ରୀ ରାଉତ୍ କହିଛନ୍ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଞ୍ଜ୍‌ର ୬ ବଜେତକ୍ ୬ ଶହ ୨୧ ଦଶ୍‌ମିକ୍ ୩/୫ ଫୁଟ୍ ରହିଥିଲା । ଇ ସମିଆଥି ୨ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୬୫ ହଜାର୍ ୨ ଶହ ୩୩ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୩ ଲାଖ୍ ୮ ହଜାର୍ ୨ ଶହ ୫୭ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।

ବନ୍ୟା ଉଦ୍ଧାର୍ କାମ୍ ନୂଆପଡ଼ା/ ବଲାଙ୍ଗିର୍/ କଲାହାଣ୍ଡି

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ବିରିଘାଟ୍‌ର ଗଦାପଦର୍ ଗାଁ ନ ଜଳବନ୍ଦୀ ଥିବା ୭ ଝନ୍ ଶ୍ରମିକଙ୍କୁ ପ୍ରଶାସନ୍ ତର୍‌ଫୁ ଉଦ୍ଧାର୍ କରାଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ପ୍ରଭାବିତ୍ ଇଲାକା ବୁଲିକରି ସ୍ଥିତିର୍ ଅନୁଧ୍ୟାନ୍ କରିଛନ୍ ।

ବଲାଙ୍ଗିର୍ ଜିଲ୍ଲା ଟିଟିଲାଗଡ଼୍ ଉପଖଣ୍ଡ ଗନ୍ଧରଲା ଅଂଚଲ୍ ନ ବଏଲ୍ ପାଏନ୍‌ଥି ଫଁଶିଥିବା ୧୩ ଝନ୍‌କୁ ଅଗ୍ନିଶମ ବିଭାଗ୍ ଅଧିକାରୀମାନେ ଉଦ୍ଧାର୍ କରିଛନ୍ ।

କଲାହାଣ୍ଡି ଜିଲ୍ଲା ନ ତେଲ୍‌ନଦୀର୍ ଜଲ୍‌ସ୍ତର୍ ବଢ଼୍‌ବାର୍‌ନୁ ତାର୍ ଖଁଡ଼ି ନ ଥିବା ବେଲିଖଣ୍ଡି ଶିବମନ୍ଦିର୍ ନ ପୂଜାରୀଙ୍କର୍ ସହେତେ ୧୦ ଝନ୍ ଭକ୍ତ ଫଁଶିକରି ରହିଥିଲେ । ସୂଚ୍‌ନା ପାଇକରି ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ ଆଉ ଜିଲ୍ଲା ପରିଷଦ୍ ଅଧ୍ୟକ୍ଷଙ୍କର୍ ନେତୃତ୍ୱଥି ଏନ୍‌ଡିଆର୍‌ଏଫ୍ ପୁହୁଁଚିକରି ସେମାନ୍‌କୁ ସୁରକ୍ଷିତ୍ ଭାବେ ଉଦ୍ଧାର୍ କରିଛନ୍ ।

ଯୁକ୍ତ ଦୁଇ ସ୍ୱଟ୍ ନାଁଲେଖା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ୍ ବିଦ୍ୟାଳୟ ମାନ୍‌କେ ଯୁକ୍ତ ଦୁଇ ପାଠ୍ୟକ୍ରମ୍‌ଥି ସ୍ୱଟ୍ ନାଁଲେଖା ଆଏଜ୍ ସଖାଲର୍ ୧୧ ବଜେନୁ ମୁଲ୍ ହେଇଛେ । ଆଏବା ମାସ ୨ ତାରିଖ୍ ରାତି ୧୧ ବାଜିକରି ୪୫ ମିନିଟ୍ ଭିତ୍‌ରେ ଛାତ୍ରଛାତ୍ରୀମାନେ ସ୍ୱଟ୍ ନାଁଲେଖା ଲାଗି ଚଏସ୍ ଲକିଂ କରିପାର୍‌ବେ । ଅଗଷ୍ଟ ୬ ତାରିଖ୍ ଦିନ ସ୍ୱଟ୍ ନାଁଲେଖା ଲାଗି ତାଲିକା ବାହାର୍‌ବା ।

ଆଇନ୍ ସଚେତନତା କାର୍ଯ୍ୟକ୍ରମ            ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍-ଡି.ଏଲ୍.ଏସ୍.ଏ ତର୍‌ଫୁ ବାଉଁଶୁଣି ସର୍‌କାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସର୍ ନ ଗୁଟେ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି କିଶୋର୍ ନ୍ୟାୟ ଆଇନ୍, ଛୁଆମାନ୍‌କର୍ ମାହାଲିଆ ବାଧ୍ୟତାମୂଳକ୍ ଶିକ୍ଷା ଅଧିକାର୍ ଆଇନ୍, ପୋସ୍ ଆଇନ୍, ଅନୁସୂଚିତ ଜାତି ଆଉ ଜନଜାତି ଆଇନ୍, ସମାଧାନ୍ ସମାରୋହ- ୨୦୩୬ ବାବ୍‌ଦେ ବିସ୍ତୃତ୍ ଆଲୋଚନା କରାଯାଇଥିଲା ।

କୁଷ୍ଠରୋଗ୍ ଚିହ୍ନଟ୍ ଅଭିଯାନ୍ ବୈଠକ      ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଆଉ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର୍ ସଂଘମିତ୍ର ପଣ୍ଡାଙ୍କର୍ ଦେଖ୍‌ରେଖ୍‌ଥି ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ କୁଷ୍ଠରୋଗ୍ ଚିହ୍ନଟ୍ ଅଭିଯାନ୍ ବାବଦ୍ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ନ କୁଷ୍ଠରୋଗ୍ ଚିହ୍ନଟ୍ ଆଉ ନିରାକରଣ୍, ସତର୍କତା ଆଉ ସଚେତନତା ବଢ଼ାବାର୍ ଉପ୍‌ରେ ଆଲୋଚନା କରାଯାଇଥିଲା ।

ବିଶ୍ୱ ମିତ୍ରତା ଦିବସ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ମିତ୍ରତା ଦିବସ୍ । ସମାଜ୍ ନ ମିତ୍ରତା ଜରିଏ ଶାନ୍ତିର୍ ସଂସ୍କୃତିକେ ବଢ଼ାବାର୍ ଲାଗି ୧୯୫୮ ମସିହାନୁ ଜୁଲାଇ ୩୦ ତାରିଖ୍‌ଥି ପାରାଗୁଏ ଠାନେ ଇ ଦିବସ୍ ପାଲନ୍ ଲାଗି ପ୍ରସ୍ତାବ୍ ଦିଆଯାଇଥିଲା । ତାର୍ ଉତ୍‌ରୁ ମିଳିତ ଜାତିସଂଘର୍ ସାଧାରଣ ପରିଷଦ୍‌ଥି ୨୦୧୧ ମସିହା ନ ଇ ଦିବସ୍‌କେ ସ୍ୱିକୃତ କରାଯାଇଥିଲା । ଦେଶ୍ ସଂସ୍କୃତି, ଜନସାଧାରଣ୍ ଆଉ ବ୍ୟକ୍ତିବିଶେଷ୍ ମାନ୍‌କର୍ ଭିତ୍‌ରେ ବନ୍ଧୁତାର ଶାନ୍ତି ପ୍ରୟାସ୍‌କେ

ପ୍ରେରଣା ଆଉ ସମ୍ପ୍ରଦାୟ ଭିତ୍‌ରେ ସେତୁ ହିସାବେ ତିଆର୍ କର୍‌ବାର୍ ଇ ଦିବସ୍ ପାଲନ୍‌ର ମୁଲ୍ ଉଦ୍ଦେଶ୍ୟ ଆଏ । ମିଳିତ ଜାତିସଂଘ ସର୍‌କାର୍, ଅନ୍ତର୍ଜାତୀୟ ସଂଗଠନ୍ ଆଉ ନାଗରିକ୍ ସମାଜ୍ ତର୍‌ଫୁ ଆଝିରର୍ ଦିନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଉଛେ ।